# ସମନ୍ୱିତ କୃଷି ଯୋଜନା

## କୃଷି କ୍ଷେତ୍ରରେ କୃଷକ ମାନଙ୍କର ଆୟ ବୃଦ୍ଧି ନିମନ୍ତେ ସମନ୍ୱିତ କୃଷି ଯୋଜନା କାର୍ଯ୍ୟକାରୀ ହେଉଅଛି




## ଉଦ୍ଦେଶ୍ୟ

୧ ନାମମାତ୍ର ଚାଷୀ ଓ କ୍ଷୁଦ୍ର ଚାଷୀ ମାନଙ୍କୁ ଏକ ଦୀର୍ଘସ୍ଥାୟୀ ଓ କ୍ରମବର୍ଦ୍ଧିଷ୍ଣୁ ଆୟର ମାଧମ ଯୋଗାଇଦେବା

୨ ପରିବେଶ ଉପଯୋଗୀ ତଥା ପ୍ରାକୃତିକ ସମ୍ପଦର ସୁପରିଚାଳନା ।

୩ ସମ୍ବଳର ସ୍ୱଳ୍ପ ତଥା ସୁବିନିଯୋଗ ସହିତ ପୁନଃ ପୁନଃ ବ୍ୟବହାର ।

୪ ମହିଳା ତଥା ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କର ସଶକ୍ତିକରଣ ।

୫ ଗ୍ରାମାଞ୍ଚଳର ଯୁବଗୋଷ୍ଠୀ ନିମନ୍ତେ ଆୟର ମାଧମ ସୃଷ୍ଟି ।

ଏହି ଯୋଜନାରେ କୃଷକମାନଙ୍କୁ କୃଷି ସହିତ ବିଭିନ୍ନ ଆନୁସଙ୍ଗିକ କ୍ଷେତ୍ର ଯଥା ପଶୁପାଳନ, ମାଛଚାଷ, ଉଦ୍ୟାନ କୃଷି ଇତ୍ୟାଦି ନିମନ୍ତେ ବିଭିନ୍ନ ପ୍ରକାର ୨୪ ଟି ମଡେଲ ମାଧ୍ୟମରେ ପ୍ରୋତ୍ସାହିତ କରିବାପାଇଁ ବିଶେଷଜ୍ଞ ମାନଙ୍କ ଦ୍ୱାରା ନୂତନ ତଥା ଉନ୍ନତ ଜ୍ଞାନ କୌଶଳର ତାଲିମ ପ୍ରଦାନ କରାଯାଉଛି । ଏହାସହିତ ସେମାନଙ୍କୁ ବିଭିନ୍ନ ଅନୁଷ୍ଠାନ ତଥା ଗୋଷ୍ଠିଗତ/ ବ୍ୟକ୍ତିଗତସ୍ତରରେ ସଫଳ ହୋଇଥିବା ସମନ୍ୱିତ କୃଷିକ୍ଷେତ୍ର ପରିଦର୍ଶନକରି ଜ୍ଞାନ ତଥା ଅଭିଜ୍ଞତା ଅର୍ଜନ ନିମନ୍ତେ ବ୍ୟବସ୍ଥା କରାଯାଇଛି । ଏହି ଯୋଜନାରେ ନିମ୍ନଲିଖିତ ଉପାଦାନ ଗୁଡିକର ସମନ୍ୱୟରେ ଚାଷୀମାନଙ୍କୁ ସମନ୍ୱିତ କୃଷି କରିବାପାଇଁ ପ୍ରୋତ୍ସାହିତ କରାଯାଇଥାଏ ।

- (କ ) ଉନ୍ନତପ୍ରଣାଳୀରେ କୃଷିପଦ୍ଧତି
- (ଖ ) ଉଦ୍ୟାନକୃଷି
- (ଗ )ପୋଖରୀ ଖନନ
- (ଘ ) ପୋଖରୀ ହୁଡାରେ ବୃକ୍ଷ ରୋପଣ
- (ଙ ) ଚୌହଦୀ ବୃକ୍ଷ ରୋପଣ
- (ଚ) ମାଛଚାଷ
- (ଛ ) ଗୋପାଳନ
- (ଜ ) ଛେଳିପାଳନ
- (ଝ )ବତକ ଓ କୁକୁଡ଼ା ପାଳନ

- ନିଜର ଚାଷଜମିର ପରିମାଣ ଓ ଆବଶ୍ୟକତା ଅନୁଯାୟୀ ସମନ୍ୱିତ କୃଷି ପ୍ରଣାଳୀର ୨୪ଟି ମଡେଲ ମଧ୍ୟରୁ ଯେକୌଣସି ଗୋଟିଏ ମଡେଲ ଚାଷୀ ଚୟନ କରିପାରିବେ ।
- ସେହିମଡ଼େଲ ନିମନ୍ତେ ଉଦ୍ଦିଷ୍ଟ ସମୁଦାୟ  ଖର୍ଚ୍ଚର ଶତକଡା ୫୦% ଅନୁସୂଚିତ ଜାତି/ ଜନଜାତି/ ମହିଳା/ ଭିନ୍ନକ୍ଷମ/ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ଆର୍ଥିକ ସହାୟତା ଆକାରରେ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ।
- ସେହିପରି ସାଧାରଣ ବର୍ଗର କୃଷକ ମାନଙ୍କ ନିମନ୍ତେ ଶତକଡା ୪୦% ଆର୍ଥିକ ସହାୟତା ଆକାରରେ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ।
- ଏହି ସହାୟତା ଅନୁସୂଚିତ ଜାତି/ ଜନଜାତି/ ମହିଳା/ ଭିନ୍ନକ୍ଷମ/ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ନିମନ୍ତେ ଟ ୪୮,୭୫୦/- ରୁ ୧୭୧,୨୫୦/- ପର୍ଯ୍ୟନ୍ତ ଓ  ସାଧାରଣ ବର୍ଗର କୃଷକ ମାନଙ୍କ ନିମନ୍ତେ ଟ ୩୯୦୦୦/- ରୁ ଟ ୧,୩୭୦୦୦/- ପର୍ଯ୍ୟନ୍ତ ଉଦ୍ଦିଷ୍ଟ ।
- ଏହା ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଅଛି ।

ସୂଚନା : ସବିଶେଷ ତଥ୍ୟ ନିମନ୍ତେ ନିକଟସ୍ଥ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।

